# ଦୁର୍ଦ୍ଦିନରେ ବାଜା କଳାକାର



ବାଜା କଳାକାର ବାଦ୍ୟଯନ୍ତ୍ର ବଜାଉଛନ୍ତି ।

**ଜାମଟିକ୍ରା,୮।୬(ଡି.ଏନ.ଏ):** କରୋନା ସଂକ୍ରମଣ ରୋକିବା ପାଇଁ ବର୍ତ୍ତମାନ ସବୁଆଡେ ଲକ୍‌ଡାଉନ ଜାରି ହୋଇଛି। ଫଳରେ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଅତାବିରା ଅଞ୍ଚଳର ବାଜା କଳାକାରମାନେ ଏହି ଲକ୍‌ଡାଉନରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବର୍ଷକୁ ୨ରୁ ୩ ମାସ ସେମାନେ ବାଜା ବଜାଇ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। କିନ୍ତୁ ବର୍ତ୍ତମାନ ଯେଉଁ ବିବାହ ତଥା ମାଙ୍ଗଳିକ କାର୍ଯ୍ୟକୁ ସରକାର ଅନୁମତି ଦେଇଛନ୍ତି, ସେଥିରେ ମାତ୍ର ବର ଓ କନ୍ୟାପକ୍ଷ ସହିତ ବ୍ରାହ୍ମଣ, ବାରିକ ଆଦିକୁ ମିଶାଇ ସମୁଦାୟ ୨୫ ଜଣ ହିଁ ଭାଗ ନେଇପାରିବେ । ବାଜା ଓ ରୋଷଣୀକୁ ଅନୁମତି ମିଳୁ ନ ଥିବାରୁ ଏମାନେ ରୋଜଗାର ହରାଇଛନ୍ତି। ବର୍ଷର ଅନ୍ୟ ମାସରେ କୁଲି ମଜୁରୀ କାମ କରି ଏମାନେ ଚଳିଥାନ୍ତି। ବର୍ତ୍ତମାନ କାମଧନ୍ଦା ସବୁ ବନ୍ଦ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ଅସୁବିଧା ଭୋଗୁଛନ୍ତି। ସେମାନେ ଅତି ଗରିବ ଶ୍ରେଣୀର। ସେମାନଙ୍କ ପାଖରେ କେବଳ ରାସନ କାର୍ଡ ଖଣ୍ଡିଏ ଅଛି। ସେଥିରେ ଯାହା ଚାଉଳ ମିଳେ ତାହା ପରିବାରକୁ ନିଅଣ୍ଟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦିନମଜୁରିଆ, ଉଠା ଦୋକାନୀ, ନିର୍ମାଣ ଶ୍ରମିକ ବର୍ଗକୁ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ଏହି ବାଜା କଳାକାରମାନେ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଛନ୍ତି। ଯଦି ଏମାନଙ୍କୁ ସରକାର ସହାୟତାର ହାତ ନ ବଢ଼ାନ୍ତି ତେବେ ଅନେକ ବାଜା କଳାକାରଙ୍କ ପରିବାର ଭୋକ ଉପାସରେ କଷ୍ଟ ଭୋଗିବେ । ତେଣୁ ବ୍ଲକର ସମସ୍ତ ବାଜା କଳାକାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବାଜା କଳାକାରମାନେ ଦାବି ଜଣାଇଛନ୍ତି । ଆମ ଚାଲିଚଳନୀରେ ବାଜା ଗୋଟିଏ ମୁଖ୍ୟ ଅଂଶ। ଏହି କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ କଳାପ୍ରେମୀ ସୀତାରାମ ବନଛର ଦାବି କରିଛନ୍ତି ।

# ସାଇକେଲ ଯାତ୍ରୀ ଦଳଙ୍କ ପାଇଁ ବଦଳୁଛି ଗାଁର ଚିତ୍ର

ବଲାଙ୍ଗୀର ଅଫିସ, ୮।୬

କଥାରେ ଅଛି ସତ୍‌ସଂକଳ୍ପ ଓ ସଦିଚ୍ଛା ଥିଲେ ଅସମ୍ଭବକୁ ବି ସମ୍ଭବ କରିହୁଏ। ଶାରୀରିକ ବ୍ୟାୟମ ପାଇଁ ଗଠିତ ଏକ ସାଇକେଲ ଯାତ୍ରୀ ଦଳର ସଦିଚ୍ଛା ଓ ମହତ କାର୍ଯ୍ୟ ଗୋଟିଏ ଆଦିବାସୀ ବହୁଳ ଗାଁର ଚିତ୍ର ବଦଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରକାନୀ ପଞ୍ଚାୟତର ମଠଖାଇ ପାହାଡ ପାଦଦେଶରେ ଥିବା ନାରାୟଣପୁର ଗ୍ରାମ। କିଛିବର୍ଷ ପୂର୍ବରୁ ଏହି ଗାଁ ଯୋଗାଯୋଗ ବିହୀନ ଗ୍ରାମ ତାଲିକାରେ ରହିଥିଲା। ଗାଁକୁ ସବୁଦିନିଆ ରାସ୍ତା ନ ଥିଲା। ଫଳରେ ଗାଁଟି ବିକାଶଠାରୁ ବହୁଦୂରରେ ରହିଯାଇଥିଲା। ଏବେ ଏହି ଗାଁକୁ ବଲାଙ୍ଗୀର ସହରଠାରୁ ଉନ୍ନତମାନର ପିଚୁ ରାସ୍ତା ତିଆରି ହୋଇଛି। ୨୦୨୦କରୋନା ଲକ୍‌ଡାଉନ ପରେ ବଲାଙ୍ଗୀର ସହରର କେତେକ ଯୁବକ ଶାରୀରିକ ବ୍ୟାୟାମ ଉଦ୍ଦେଶ୍ୟରେ ସାଇକେଲ ଯାତ୍ରା କରିବାକୁ ମନସ୍ଥ କଲେ। ଯୁବ ସଙ୍ଗଠକ ସୁରୁଲାଲ ମଟାରୀଙ୍କ ନେତୃତ୍ୱରେ ଅନ୍ତ ବେହେରା, ରିଙ୍କୁ ମାଝି, ଜୟନାରାୟଣ ବହିଦାର, ଗୁଡୁଲୁ ମିଶ୍ର, ମାନସ ମହାନ୍ତି, ନାସିର ଖାନ ପ୍ରମୁଖ ସାଇକଲ ଯାତ୍ରୀ ବଲାଙ୍ଗୀରରୁ ପ୍ରାୟ ୧୨ କିଲୋମିଟର ଦୂର ନାରାୟଣପୁରକୁ ଯିବା ଆସିବା ଭିତରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗାଁର ଉନ୍ନୟନ ପ୍ରକ୍ରିୟା ସହ ଯୋଡି ହୋଇଗଲେ।



ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ଉପସ୍ଥିତିରେ ନଳକୂପ ଖନନ ପାଇଁ ସ୍ଥାନ ଚିହ୍ନଟ କରାଯାଉଛି।

ଏହି ଗାଁରେ ଅଧିକାଂଶ ଆଦିବାସୀ ଓ କିଛି ଗୌଡ ଜାତିର ଲୋକେ ରୁହନ୍ତି। ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ସାଇକେଲ ଆରୋହୀ ଦଳଙ୍କ ଆଲୋଚନା ହୁଏ। ଏଥିରୁ ଗାଁରେ ପିଇବା ପାଣିର ଅଭାବ, ବିଜୁଳି ସଦସ୍ୟା, ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବା କଥା ଜଣାପଡେ। ପରେ ଏ

## ପାଇପ ପାଣି, ଜମି ପଟ୍ଟା ବ୍ୟବସ୍ଥା କରାଯିବ: ନରସିଂହ

ନେଇ ସାଇକଲ ଆରେହୀ ଦଳ ବିଧାୟକ ନରସିଂହ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ପିଇବା ପାଣି ସମସ୍ୟା ଜାଣିବା ପରେ ସମାଦାନ ପାଇଁ ବିଧାୟକ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଟିମ୍ ଓ ନଳକୂପ ଖନନକାରୀ ସଂସ୍ଥା ଗାଁରେ ପହଞ୍ଚି ସ୍ଥାନ ଚିହ୍ନଟ କରିଛନ୍ତି। ଗ୍ରାମବାସୀ କିଭଳି ସାମାଜିକ ସୁରକ୍ଷା ଯୋଜନା ସହ ଅନ୍ୟାନ୍ୟ ସରକାରୀ ଯୋଜନାର ସୁଫଳ ପାଇବେ ସେଥିସକାଶେ ଯୋଜନା ପ୍ରସ୍ତୁତ ହୋଇଛି। ପାଇପ ଯୋଗେ ପିଇବା ପାଣି ସହ ଜମିପଟ୍ଟା ବ୍ୟବସ୍ଥା କରାଯିବ ବୋଲି ବିଧାୟକ କହିଛନ୍ତି। ସରକାରୀ ଅଧିକାରୀ ଏବେ ଗାଁକୁ ଗସ୍ତ କରିବା ପରେ ଗାଁ ଲୋକେ ଖୁସି। ସାଇକଲ ଆରୋହୀ ଦଳର ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ଅଟଳ ବିହାରୀ ପଣ୍ଡାଙ୍କୁ ମିଳୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ

**ସୋନପୁର,୮।୬(ନି.ପ୍ର.):** ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ସୁବର୍ଣ୍ଣପୁର ପକ୍ଷରୁ ବିଶିଷ୍ଟ ନାଟ୍ୟକାର ତଥା ଚଳଚ୍ଚିତ୍ର ଅଭିନେତା ଡକ୍ଟର ଅଟଳ ବିହାରୀ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଗୁଗୁଲ୍ ମିଟ୍ ମାଧ୍ୟମରେ ଆୟୋଜିତ ଏହି ସଭାରେ ସଂସଦ ସଭାପତି ଗଦାଧର ବାରିକ୍ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଡକ୍ଟର ସବ୍ୟସାଚୀ ମହାପାତ୍ର, ଗୋରେଖନାଥ ସାହୁ, ଡକ୍ଟର ଦ୍ୱାରିକାନାଥ ନାୟକ, ପ୍ରକାଶ କୁମାର ଯୋଶୀ ଓ କୈବଲ୍ୟ କୁମାର ମିଶ୍ର ଯୋଗଦାନ କରି ଡ. ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଡକ୍ଟର ତପସ୍ୱିନୀ ଗୁରୁ, ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, କବି ଭରଦ୍ୱାଜ ମିଶ୍ର, ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ଅଟଳ ବିହାରୀ ପଣ୍ଡାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଉକ୍ତ ସଭାକୁ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ ଓ ଉପସଭାପତି ଡକ୍ଟର ପୁରୁଷୋତ୍ତମ ମିଶ୍ର ସଂଯୋଜନା କରିଥିଲେ।




# ଯନ୍ତ୍ରଣାରେ କଟୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ



କ୍ଲବ ବାରଣ୍ଡାରେ ରହିଥିବା ବୃଦ୍ଧ ଦମ୍ପତି।

**ଅତାବିରା, ୮।୬ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ ହିଲ୍ଲିପାଲି ପଞ୍ଚାୟତ ଡୁମ୍ବେରପାଲି ଡୁରିପଡାରେ ୩ ମାସରୁ ଊର୍ଦ୍ଧ୍ୱ ହେବ ଏକ ଶତ୍ରୁଘ୍ନ ଧରୁଆ (୮୦) ଓ ତାଙ୍କ ସ୍ତ୍ରୀ ତିଳୋତ୍ତମା ଧରୁଆ (୬୫) ରହି ଆସୁଛନ୍ତି। ଭିକ ମାଗିଲେ ସେମାନଙ୍କ ପେଟକୁ ଦାନା ଯାଉଛି। ସରକାରୀ ସୁବିଧା କହିଲେ ଭତ୍ତା ବାବଦକୁ ଉଭୟ ଏକ ହଜାର ଟଙ୍କା ପାଉଛନ୍ତି। ଗାଁ ଲୋକେ ଯିଏ ଯେତେ ବେଳେ ଖାଇବାକୁ ଦେଲେ ସେମାନେ ଦେଉଛନ୍ତି। ସରକାରଙ୍କ ୧ ଟଙ୍କିଆ ଚାଉଳ କି ଆବାସ ଗୃହରୁ ବଞ୍ଚିତ ରହିଛନ୍ତି ଏହି ଦମ୍ପତି। ବୃଦ୍ଧଙ୍କ ବେକରେ ଦୀର୍ଘଦିନ ହେଲା ଏକ ଫୋଟକା ହୋଇ ଘା’ ହୋଇଯାଇଛି। ଅର୍ଥାଭାବରୁ ତାର ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ଏହି ଦମ୍ପତି ଯାଯାବର ଭାବରେ ଏଠିସେଠି ରହୁଛନ୍ତି। ପ୍ରଶାସନ ଏହି ବୃଦ୍ଧ ଦମ୍ପତିଙ୍କ ଥଇଥାନ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଅତାବିରା ବିଡିଓ ବିଶ୍ୱନାଥ ସାହୁଙ୍କୁ ପଚରାଯିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।









# ହ୍ରାସ ପାଉଛି ବାଉଁଶ ତିଆରି ସାମଗ୍ରୀ

ବୌଦ୍ଧ,୮।୬(ସ୍ୱ.ପ୍ର.)

ମଣିଷ ଆଜି ଆଧୁନିକତାକୁ ଆପଣେଇ ନେଇଛି । ଫଳରେ ପୂର୍ବରୁ ବ୍ୟବହୃତ ବହୁ ପୁରୁଣା ଜିନିଷ କ୍ରମଶଃ ଲୋପ ପାଇବାକୁ ବସିଲାଣି। ତେବେ ଏବେ ବି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ବ୍ୟବହାର ହୋଇଆସୁଛି ବାଉଁଶ ତିଆରି ସାମଗ୍ରୀ ସେହି ସାମଗ୍ରୀ ମଧ୍ୟରେ ଟୋକେଇ, କୁଲା, ଚଟେଇ, ହାତପଙ୍ଖା, ବିଚଣା ଆଦି ରହିଛି । ବିଶେଷ କରି ଚାଷୀ ପୁଅ ଅକ୍ଷୟ ତୃତୀୟାରେ ନୂଆ ଟୋକେଇ ଖୋଜିଥାଏ। ଏହି ଟୋକେଇରେ ସେ ବିଲକୁ ଧାନ ଧରି ପୂଜା କରିବାକୁ ଯାଇଥାଏ । ଖାଲି ଘରକରଣା ପାଇଁ ନୁହେଁ, ବିବାହ, ବ୍ରତ, ପୂଜା ପାର୍ବଣ ଆଦି କାର୍ଯ୍ୟରେ ଏହାର ଆବଶ୍ୟକତା ରହିଛି । କିନ୍ତୁ ବର୍ତ୍ତମାନ ଏହାର ପ୍ରତିବଦଳରେ ସୁନ୍ଦର ସୁନ୍ଦର ପ୍ଲାଷ୍ଟିକ ସାମଗ୍ରୀ ବଜାରରେ ମିଳୁଥିବାରୁ ଏହାର ଚାହିଦା ଆପେ ଆପେ ଲୋପ ହେବାକୁ ବସିଲାଣି । ଅନ୍ୟପକ୍ଷରେ ବାଉଁଶ ଉପରେ ବନ ବିଭାଗର କଟକଣା ଥିବାରୁ ପୁରୁଷାନୁକ୍ରମେ ତିଆରି କରି ଆସୁଥିବା ବୃତ୍ତିଧାରୀ ପରିବାରଗୁଡିକ ଏଥିରୁ ମୁହଁ ଫେରାଇ ନେବା ଦେଖିବାକୁ ମିଳୁଛି । ସେମାନେ ନିଜର କୌଳିକ ବୃତ୍ତିକୁ ଛାଡି ପେଟ ପୋଷିବା ପାଇଁ ଅନ୍ୟ କାମଧନ୍ଦା ଆପଣାଇ ନେବାକୁ ପଛାଉ ନାହାନ୍ତି । ବୌଦ୍ଧ ଜିଲାରେ ବେତରା ଓ ଘାସି


ବାଉଁଶରେ ତିଆରି କୁଲା ।

## ସଙ୍କଟରେ ବେପାରୀ

ସଂପ୍ରଦାୟର ଲୋକମାନେ ବାଉଁଶରେ ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ଘରକରଣା ସାମଗ୍ରୀ ତିଆରି କରିଥାନ୍ତି । ସମୟ ଥିଲା ଏହି ଜିଲାର ବାଉଁଶରେ ତିଆରି ସାମଗ୍ରୀଗୁଡିକ ରାଜ୍ୟ ବାହାରକୁ ବିକ୍ରି ପାଇଁ ଯାଉଥିଲା । ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନ ଓ ପଡୋଶୀ ଜିଲା ଅନୁଗୋଳ, ନୟାଗଡ, କନ୍ଧମାଳ, ବଲାଙ୍ଗୀର, ସମ୍ବଲପୁର ଜିଲାରେ ଏହାର ଚାହିଦା ରହିଥିଲା । ଗତ କିଛି ବର୍ଷ ହେଲା ଏହାର ସ୍ଥାନ ପ୍ଲାଷ୍ଟିକ ନେବା ଫଳରେ ବାଉଁଶ କାରିଗରମାନେ ହାତବାନ୍ଧି ଘରେ ବସିବା ସାର ହୋଇଛି । ବୌଦ୍ଧ ଜିଲାର ବଘିଆପଡା, କରଞ୍ଜାକଟା, ତିଲେଶ୍ୱର, ଧଳପୁର ଗ୍ରାମର ଶହ ଶହ ପରିବାର ଏହା ଉପରେ ନିର୍ଭର କରି ପରିବାର ଚଳାଇ ଆସୁଥିଲେ। ଏବେ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ପ୍ରଶାସନ ପକ୍ଷରୁ କମ୍ ଦରରେ ବାଉଁଶ ଯୋଗାଇ ଦେବା ସହ ନୂଆ ଡିଜାଇନ ପାଇଁ ତାଲିମ ଦେବାର ବ୍ୟବସ୍ଥା କରାଗଲେ ଏହା ଉପରେ ନିର୍ଭରଶୀଳ ଜିଲାର ବହୁ ପରିବାର କାମଧନ୍ଦା ପାଇ ପାରନ୍ତେ । ନହେଲେ ଆଗାମୀ ଦିନରେ ବାଉଁଶ ତିଆରି ସାମଗ୍ରୀ ଲୋପ ପାଇବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

# ଚୋରି ଉଦ୍ୟମ କରି ଦୁଇ ଗିରଫ

**ଲହୁଣୀପଡା,୮।୬(ଡି.ଏନ.ଏ.):** ଏକ ଟ୍ରକ ଚାଳକଙ୍କୁ ଭୁଜାଲି ଦେଖାଇ ଚୋରି ଉଦ୍ୟମ କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ବଣ୍ଟିପ୍ରସାଦ (୨୬) ଓ ଗଣେଶ ନାୟକ (୧୭)। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ରାଉରକେଲା ବାସନ୍ତି କଲୋନୀରେ ରହୁଥିବା ବଣ୍ଟି ଓ ଆମ୍ବେଦକର ନଗରର ଗଣେଶ ଏକ ବାଇକ (ଓଡି ୧୪ ଜେ– ୩୩୪୦ )ଯୋଗେ ଯାଇ ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୂଷାବିରା ନିକଟ ପୋଲ ନିକଟରେ ଏକ ଟ୍ରକକୁ ଅଟକାଇ ଥିଲେ । ଏହି ସମୟରେ ବଣ୍ଟି ଚାଳକଙ୍କ ବେକରେ ଭୁଜାଲି ଲଗାଇ ଟଙ୍କା ଓ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ତେବେ ଟ୍ରକର ଖଲାସୀ କୌଶଳକ୍ରମେ ନିକଟରେ ଥିବା ଏକ ଢାବାକୁ ଦୌଡି ପଳାଇ ଯାଇଥିଲେ । ପରେ ସ୍ଥାନୀୟ ଲୋକେ ଚୋର ଦୁଇଜଣଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ । ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗିରଫ କରିଥିଲା । ବଣ୍ଟିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗଣେଶଙ୍କୁ ରାଉରକେଲା ବାଳସୁଧାର ଗୃହକୁ ପଠେଇ ଦିଆଯାଇଛି । ବାଇକ୍ ଓ ଭୁଜାଲି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପୁଟିବନ୍ଧରେ କେନାଲ ପୋତିବାକୁ ନେଇ ଉତ୍ତେଜନା

**ସମ୍ବଲପୁର,୮।୬ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ପୁଟିବନ୍ଧ ଗ୍ରାମ ନିକଟରେ ଯାଇଥିବା ଏକ ବଡ କେନାଲକୁ ଜଣେ ବିଲଡର୍ ପୋତି ଦେଇଛନ୍ତି। ଏହାକୁ ନେଇ ମଙ୍ଗଳବାର ଗ୍ରାମର ଶତାଧିକ ମହିଳାପୁରୁଷ ପହଞ୍ଚି ପାଟିତୁଣ୍ଡ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସମ୍ବଲପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାର ମାପଚୁପ କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ବର୍ଷ ବର୍ଷ ଧରି ଏହି କେନାଲ ଦେଇ ପାଣି ପ୍ରବାହିତ ହେଉଥିବାବେଳେ ବର୍ଷା ଋତୁରେ ପୁଟିବନ୍ଧ ଓ ଆଖପାଖ ଗ୍ରାମର ବନ୍ୟା ପାଣି ନିଷ୍କାସିତ ହୋଇଥାଏ। ଏବେ ଜଣେ ବିଲଡର୍ ଏହାକୁ ଅଧାରୁ ଅଧିକ ପୋତି ଦେଇଛନ୍ତି। ଫଳରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ନିକଟରେ ଥିବା ଘର ଭିତରେ ପଶିବା ସମ୍ଭାବନା ରହିଛି। ପୂର୍ବରୁ ଏ ନେଇ ଅଭିଯୋଗ କରାଯାଇଥିଲା। ଶ୍ୟାମସୁନ୍ଦର ମୁଣ୍ଡା, କପିଳେଶ୍ୱର ସାହୁ, ଦିଲୀପ ବେହେରା, ସୂର୍ଯ୍ୟକାନ୍ତ ବେରିହା, ଭୂମିସ୍ମିତା ସିଂ, ସକୁନ୍ତଳା ଭଞ୍ଜ, କୁନ୍ତି କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।




# ଘର ପୋଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ନୂଆପଡ଼ା ଅଫିସ,୮।୬:** ନୂଆପଡା ଜିଲା ଖଡିଆଳ ବ୍ଲକ ଗଡରାମୁଣ୍ଡା ଗାଁରେ ସୋମବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡରେ ପୃଥିରାଜ ବନଛୋରଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଛାତ ପୋଡି ନଷ୍ଟ ହୋଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ରାତିରେ ଖାଇ ସାରିବା ପରେ ସମସ୍ତେ ଶୋଇ ପଡିଥିଲେ। ଚୁଲିର ନିଆଁକୁ ଲିଭାଇ ନ ଥିଲେ। ଫଳରେ ଚୁଲିର ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଖଡିଆଳ ଅଗ୍ନିଶମ ବିଭାଗ ପହଞ୍ଚି ଥିବା ବେଳେ ଗାଁ ଲୋକେ ନିଆଁକୁ ଆୟତ୍ତ କରିଥିଲେ।




# ରବି ଧାନ ସଂଗ୍ରହରେ ଅନିୟମିତତା ନେଇ ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୮।୬(ସ୍ୱ.ପ୍ର.):** ରବି ଧାନ ସଂଗ୍ରହରେ ଅନିୟମିତତା ଓ ଚାଷୀଙ୍କୁ କଟନିଛଟନି ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ରବି ଋତୁରେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଅଧୀନରେ ପର୍ଯ୍ୟାପ୍ତ ପରିମାଣରେ ଧାନ ଚାଷ ହୋଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଯୋଗାଣର ବିଭାଗ ତ୍ରୁଟିପୂର୍ଣ୍ଣ ନିତୀ ଯୋଗୁ ଧାନ ଅମଳ ପୂର୍ବରୁ ଚାଷୀଙ୍କ ଟୋକନ ବାତିଲ ହୋଇଯାଉଛି। ମଣ୍ଡିରେ ସରକାର କର୍ମଚାରୀଙ୍କ ଦ୍ୱାରା ମସ୍ଚର ୧୭ ପ୍ରତିଶତ ପରେ ଧାନ ମିଲକୁ ଯାଉଥିବାବେଳେ ମିଲର୍ସ ଧାନର ମସ୍ଚର ଅଧିକ କହି ଏଜେଣ୍ଟ ଜରିଆରେ ୭/୮ କିଗ୍ରା ଧାନ କଟନିଛଟନି କରି ଚାଷୀଙ୍କୁ ଶୋଷଣ କରୁଛି। ସେହିପରି ଯେଉଁ ଦିନର ଧାନ ସେହିଦିନ ଉଠୁ ନ ଥିବାରୁ ମଣ୍ଡିରେ ଦୈନିକ ୭ ରୁ ୮ହଜାର କୁଇଣ୍ଟାଲ ଧାନ ବଳକା ହୋଇ ପଡିରହୁଛି। ଚଳିତବର୍ଷ ବିଳମ୍ବରେ କେନାଲ ପାଣି ପହଞ୍ଚିଥିବାରୁ ଧାର୍ଯ୍ୟ ସମୟରେ ଚାଷ ଅମଳ ହୋଇପାରି ନ ଥିବାରୁ ଚାଷୀଙ୍କ ଟୋକନ ବାତିଲ ହୋଇଯାଉଛି। ବାତିଲ ଟୋକନର ପୁନଃ ନବିକରଣ ସହିତ ବୈଧତା ୧୫ ଦିନ ଓ ଦୈନିକ ମଣ୍ଡି ଟାର୍ଗେଟରେ ଧାନ ଉଠାଣ କରିବା ଆଦି ଦାବି କରାଯାଇଛି। ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏସବୁ ସମସ୍ୟା ଶୀଘ୍ର ସମାଧାନ ପାଇଁ ଭାଜପା ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜୟଶଙ୍କର ନାଏକ, ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ରମେଶ ମାଝି, ଯୁବ ନେତା ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ବଜ୍ରପାତରେ ଜଣେ ମୃତ

**ନୂଆପଡ଼ା ଅଫିସ,୮।୬:** ନୂଆପଡା ଜିଲା ବୋଡେନ ବ୍ଲକ ସଦରର ଟିକଚନ ମାଝି (୫୦) ନାମକ ଜଣେ ବ୍ୟକ୍ତିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ କୌଣସି କାମରେ ଯାଇ ଘରକୁ ଫେରୁଥିବା ସମୟରେ କାଳବୈଶାଖୀ ସାଙ୍ଗକୁ ପ୍ରବଳ ବର୍ଷା, ପବନ ଓ ଘଡଘଡି ହୋଇଥିଲା। ବୋଡେନସ୍ଥିତ ଆଶ୍ରମ ବିଦ୍ୟାଳୟ ନିକଟରେ ତାଙ୍କ ଉପରେ ବଜ୍ରପାତ ହେବା ଯୋଗୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ବୋଡେନ ଥାନା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଗରିବ ହୋଇଥିବାରୁ ଆର୍ଥିକ ସହଯୋଗ ପାଇଁ ଦାବି ହେଉଛି।




# ସିଏସ୍‌ଓଙ୍କୁ ଘେରିଲେ ଚାଷୀ

ବରଗଡ଼ ଅଫିସ୍, ୮।୬

ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାବିରେ ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀର ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ମଙ୍ଗଳବାର ଘେରାଉ କରିଥିଲେ। ଅତାବିରା ଓ ଭେଡ଼େନ ବ୍ଲକର ବିଭିନ୍ନ ମଣ୍ଡିରେ ଟୋକନ ଅବଧି ସରିଯିବା, ଟାର୍ଗେଟ୍ ଅଭାବ ଯୋଗୁ ଚାଷୀଙ୍କ ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ସେମାନେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଧାନ ଉଠାଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଦୟାସାଗର ମେଣ୍ଡଲି ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ଅଟଳ ବିହାରୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ, ୮।୬**

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସିନେ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ବିୟୋଗରେ କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ୱର୍ଗତ ପଣ୍ଡା କେବଳ ନାଟକ କିମ୍ବା ଚଳଚ୍ଚିତ୍ର ଜଗତ ସହ ସମ୍ପୃକ୍ତ ଥିଲେ ତାନୁହେଁ ଏ ଅଞ୍ଚଳର ଭାଷା ଆନ୍ଦୋଳନ ଓ କୋସଲ ରାଜ୍ୟ ଆନ୍ଦୋଳନର ମଧ୍ୟ ସମର୍ଥକ ଥିଲେ। କୋସଲ ମୁକ୍ତି ଆନ୍ଦୋଳନ ପାଇଁ ସମର୍ପିତ ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ପଣ୍ଡାଙ୍କ ନିଧନ କୋସଲାଞ୍ଚଳର ଜନ ମାନସକୁ ଦୋହଲାଇ ଦେଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର କହିଛନ୍ତି।

ଟିକ୍ରାପଡା ଦଧିବାମନ ମନ୍ଦିରଠାରେ ଡା. ଅଶୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଅଟଳ ବିହାରୀ ପଣ୍ଡା ଓ ଆଦର୍ଶ ଶିକ୍ଷକ ଚୈତନ୍ୟ ଦାସ ଠାକୁରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅଚ୍ୟୁତାନନ୍ଦ ଉଦ୍‌ଗାତା, କପିଳ ପତି, ରତ୍ନମୟ ତ୍ରିପାଠୀ, ବୃନ୍ଦେନ୍ଦ୍ର କୁମାର ବେହେରା, ଅରୁଣ ଖୁଆସ, ସୁନାଧର ବନଛୋର, ଧର୍ମବ୍ରତ ରଥ, ଦୁର୍ଗା ସାହୁ, କସ୍ତୁରୀ ରଥ, ମାଳତୀ ଉଦ୍‌ଗାତା ଓ ମଦନ ମୋହନ ରଥ ବ୍ୟକ୍ତବ୍ୟ ରଖିଥିଲେ।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ସମ୍ବଲପୁର,୮।୬(ବ୍ୟୁରୋ)**


ଭିମ୍‌ସାରରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

- ଭିମ୍‌ସାରରେ ୫୦ ପ୍ରତିଶତ ବେଡ୍ ଖାଲି
- କମୁଛି ସଂକ୍ରମଣ, ସୁସ୍ଥହାର ବୃଦ୍ଧି
- ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କାମ ତଦାରଖ

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା ମଙ୍ଗଳବାର ଭିମ୍‌ସାରକୁ ଯାଇ କୋଭିଡ୍ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏହି ସମୟରେ ସେ ବିଭିନ୍ନ ପ୍ରସଙ୍ଗରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଗତ ମେ ମାସରେ କୋଭିଡ୍ ସଂକ୍ରମଣ ହାର ବୃଦ୍ଧି ପାଇଥିଲା। ଦୈନିକ ହାରାହାରି ୪ ଶହ ସଂକ୍ରମିତ ଚିହ୍ନଟ ହେଉଥିଲେ। ଏହା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଥିଲା। ରୋଗୀଙ୍କୁ ଚିକିତ୍ସା ଦେବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। କୋଭିଡ୍ ମେଡିକାଲରେ ରୋଗୀଙ୍କୁ ବେଡ୍ ମିଳୁ ନ ଥିବା ଅଭିଯୋଗ ହେଉଥିଲା। ହେଲେ ଏବେ ସ୍ଥିତିରେ ସୁଧାର ଆସିଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ସଂକ୍ରମଣ ଦୁଇଅଙ୍କକୁ ଖସି ୯୨ରେ ପହଞ୍ଚିଛି। ଗତ ସୋମବାର ୧୦୩ ଓ ରବିବାର ୧୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେଣୁ କୋଭିଡ୍ ନିୟନ୍ତ୍ରଣକୁ ଆସିଥିବା ଏଥିରୁ ସ୍ପଷ୍ଟ ହେଉଛି। ଭିମ୍‌ସାର କୋଭିଡ୍ ମେଡିକାଲରେ ୨୨୫ ବେଡ୍ ରହିଥିବାବେଳେ ମାତ୍ର ୯୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେହିପରି କୋଭିଡ୍ ମେଡିକାଲ ୧୫୫ ବେଡ୍ ବିଶିଷ୍ଟ ରହିଥିବା ବେଳେ ମାତ୍ର ୫୨ ଜଣ ଚିକିତ୍ସିତ ହେଉଛନ୍ତି। ସୁସ୍ଥ ହାର ମଧ୍ୟ ବୃଦ୍ଧି ପାଇଛି। ଜୁନ ୫ ତାରିଖରେ ୩୧୭, ୬ରେ ୩୦୩ ଓ ୭ରେ ୨୫୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ସ୍ଥିତି ଜାରି ରହିଲେ ଜୁନ ୧୭ ପରେ ଲକ୍‌ଡାଉନ କୋହଳ ହୋଇ ପାରେ ବୋଲି ଆଲୋଚନା ହେଉଛି। ଭିମ୍‌ସାରରେ ଜିଲାପାଳ ସକ୍‌ସେନାଙ୍କ ସମୀକ୍ଷା ବୈଠକରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧୀକ୍ଷକ ଲାଲ ମୋହନ ନାଏକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ରୋଗୀ ସଂଖ୍ୟା, ଅକ୍ସିଜେନ୍ ପରିମାଣ, ମେଡିସିନ, ବେଡ୍ ସଂଖ୍ୟା ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ପରେ ଭିମ୍‌ସାରରେ ନିର୍ମାଣାଧୀନ ଅକ୍ସିଜେନ୍ ପ୍ଲାଣ୍ଟ କାମ ତଦାରଖ କରି ଖୁବ୍‌ଶୀଘ୍ର ଶେଷ କରିବାକୁ କହିଥିଲେ।

# କୋଭିଡ୍ ଚିକିତ୍ସାରେ କକ୍‌ଟେଲ ଆଣ୍ଟିବଡି ବ୍ୟବହାର

**ବରଗଡ଼ ଅଫିସ୍,୮।୬**


କୋଭିଡ୍ ଆକ୍ରାନ୍ତଙ୍କୁ କକ୍‌ଟେଲ ଆଣ୍ଟିବଡି ଇନ୍‌ଫ୍ୟୁଜନ ପ୍ରକ୍ରିୟା ପାଇଁ ପ୍ରସ୍ତୁତି ।

**ପଶ୍ଚିମ ଓଡ଼ିଶାରେ ପ୍ରଥମ**

ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏ ଅଞ୍ଚଳରେ କୋଭିଡ୍ ଚିକିତ୍ସାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିଆସୁଛି। ଏଠାରେ ଭର୍ତ୍ତି ହୋଇଥିବା କୋଭିଡ୍ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ଯୋଗାଇବା ପାଇଁ ହସ୍ପିଟାଲର ଡାକ୍ତରମାନେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ଉକ୍ତ ହସ୍ପିଟାଲରେ କୋଭିଡ୍ ରୋଗୀଙ୍କଠାରେ କକ୍‌ଟେଲ ଆଣ୍ଟିବଡ଼ି ଇନଫ୍ୟୁଜନ ପ୍ରକ୍ରିୟା ସମ୍ପାଦିତ ହୋଇଛି ବୋଲି ହସ୍ପିଟାଲର ଡାଇରେକ୍ଟର ହିମାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ହସ୍ପିଟାଲର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡା. ରବି କୁମାର ସୂଚନା ଦେଇ କହିଛନ୍ତି, ମେଡ଼ିସିନ ବିଭାଗର ଡା. ନିଶାନ୍ତ ଦେବତାଙ୍କ ନେତୃତ୍ୱରେ ଡା. ଏ. ଏନ ଶ୍ରୀନିବାସ, ଡା. ରଞ୍ଜନ ମେହେରଙ୍କ ଦ୍ୱାରା ରବିବାର ରାତ୍ରିରେ ପ୍ରଥମଥର ପାଇଁ କକ୍‌ଟେଲ ଆଣ୍ଟିବଡ଼ି ବ୍ୟବହାର ସଫଳତାର ସହିତ ସମ୍ପାଦିତ ହୋଇଛି। କୋଭିଡ୍ ରୋଗୀଙ୍କ କ୍ଷେତ୍ରରେ ଏଭଳି ଚିକିତ୍ସା ପଦ୍ଧତି ରାଜ୍ୟରେ ଦ୍ୱିତୀୟ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ସେ ସୂଚନା ଦେଇଛନ୍ତି। ବରଗଡ଼ ଭଳି ଛୋଟ ସହରରେ ଏଭଳି ଚିକିତ୍ସା ସଫଳତାର ସହିତ ସମ୍ପାଦନ କରିଥିବା ଯୋଗୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡାକ୍ତରୀ ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି । କିଛି ମାସ ତଳେ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଚିକିତ୍ସା ହୋଇଥିବା ସେ କହିଛନ୍ତି। ଏଭଳି ଚିକିତ୍ସା ବିକାଶରେ ଉପଲବ୍ଧ ହେବା କୋଭିଡ୍ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ନୂତନ ଆଶା ସଞ୍ଚାର କରିପାରିଛି ବୋଲି ସେ କହିଛନ୍ତି।

## ଏମ୍‌ସିଏଲ୍‌ରେ ଗ୍ରୀନ୍ ଆନେକ୍ସ ଅଟ୍ଟାଳିକାର ଶିଳାନ୍ୟାସ

**ସମ୍ବଲପୁର,୮।୬ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ସିଏମ୍‌ଡି ପି.କେ. ସିହ୍ନା ସୋମବାର ଏଠାରେ ଥିବା କମ୍ପାନୀ ମୁଖ୍ୟାଳୟରେ ୨୬ କୋଟି ଟଙ୍କା ବ୍ୟୟରେ ଏକ ଗ୍ରୀନ୍‌ଆନେକ୍ସ ବିଲ୍ଡିଂ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜାଗୃତି ବିହାର କ୍ୟାମ୍ପସ୍‌ରେ ଥିବା ଏମ୍‌ସିଏଲ୍‌ର ମୁଖ୍ୟ ପ୍ରଶାସନିକ କୋଠାର ଏହା ଏକ ପରିବର୍ଦ୍ଧିତ ପ୍ରାସାଦ ହେବ। ଏହାର ଛାତ ଉପରେ ସୌର ବିଦ୍ୟୁତ୍ ପ୍ୟାନେଲ୍ ଓ ବର୍ଷା ଜଳ ଉପଯୋଗର ବ୍ୟବସ୍ଥା ରହିବ। ଏହି କୋଠା ପାଇଁ ୨୫.୯୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କୋଠାରେ ୨୦୭ ଜଣ କର୍ମଚାରୀ କାମ କରିପାରିବେ। ଶିଳାନ୍ୟାସ ପରେ ସିଏମ୍‌ଡି ସିହ୍ନା, ନିର୍ଦ୍ଦେଶକ ଓ.ପି. ସିଂହ, କେଶବ ରାଓ, ବବନ ସିଂହ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ ପ୍ରମୁଖ ନୂଆ କମ୍ପ୍ଲେକ୍ସରେ ଚାରା ରୋପଣ କରିଥିଲେ ।

# ସମସ୍ତ ପରିବହନ ଶ୍ରମିକଙ୍କୁ ସହାୟତା ଦିଅ



ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡଠାରେ ପ୍ରତିବାଦ କରାଯାଉଛି।

**ରାଉରକେଲା ଅଫିସ୍/ ବେଦବ୍ୟାସ,୮।୬(ଡି.ଏନ.ଏ)**

**ସିଆଇଟିୟୁ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ**

କରୋନା ସଂକ୍ରମଣର ମୁକାବିଲା କରିବା ପାଇଁ ବିଭିନ୍ନ ରାଜ୍ୟ ସରକାର ତାଲା ବନ୍ଦ ଓ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଦେଶର ସଡକ ପରିବହନ ଶିଳ୍ପରେ କାର୍ଯ୍ୟରତ ବସ୍ ଚାଳକ, ଖଲାସି, କଣ୍ଡକ୍ଟରମାନେ କାମ ହରାଇ ବସିଛନ୍ତି। କରୋନାର ପ୍ରଥମ ଓ ପରେ ଦ୍ୱିତୀୟ ଲହର ସମୟରେ କେତେକ ରାଜ୍ୟ ସରକାରଙ୍କୁ ଛାଡି ଦେଲେ କେନ୍ଦ୍ର ଓ ଓଡିଶା ସରକାର ପରିବହନ ଶ୍ରମିକମାନଙ୍କ ପାଇଁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ରାଶି ଘୋଷଣା କରିନାହାନ୍ତି। ଫଳରେ କେବଳ ପରିବହନ ଶ୍ରମିକ ଓ ତାଙ୍କ ପରିବାର ଲୋକେ ଭୋକ ଉପାସରେ ଜୀବନ ଅତିବାହିତ କରୁଛନ୍ତି । ମଙ୍ଗଳବାର ଓଡିଶା ସରକାର ରାଜ୍ୟର ଉଠାଦୋକାନୀଙ୍କ ପାଇଁ ସରକାରୀ ସାହାଯ୍ୟ ଘୋଷଣା କରିଥିଲା ବେଳେ ପ୍ରଥମ ଲହର ସମୟରେ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିଥିଲେ। କିନ୍ତୁ ପରିବହନ ଶ୍ରମିକ ଓ ତାଙ୍କ ପରିବାର ଘୋର ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିଲା ବେଳେ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ପରିବହନ ଶ୍ରମିକମାନଙ୍କୁ ତୁରନ୍ତ କରୋନା ସହାୟତା ରାଶି ଘୋଷଣା କରିବା, ପରିବହନ ଶ୍ରମିକଙ୍କ ପରିବାରକୁ ମାସିକ ୭,୫୦୦ ଟଙ୍କା ପ୍ରଦାନ, ୧୦ କିଲୋ ମାଗଣା ଖାଦ୍ୟଶସ୍ୟ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଦାନ, ପେଟ୍ରୋଲ, ଡିଜେଲର ଅହେତୁକ ଦରବୃଦ୍ଧି ନିୟନ୍ତ୍ରଣ ଏବଂ ଏହା ଉପରୁ ଅବକାରୀ ଟିକସ ହ୍ରାସ କରିବା, ପରିବହନ ଶ୍ରମିକମାନଙ୍କୁ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ କରିବା, ଅଗ୍ରାଧିକାର ଭିତ୍ତିରେ ସମସ୍ତ ପରିବହନ ଶ୍ରମିକଙ୍କୁ ମାଗଣା କରୋନା ଟିକା ଆଦି ପ୍ରଦାନ ଦାବିରେ ଅଲ ଇଣ୍ଡିଆ ରୋଡ ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ୍ (ସିଆଇଟିୟୁ) ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ପାଇଁ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡଠାରେ ସୁନ୍ଦରଗଡ ମୋଟର କର୍ମଚାରୀ ସଂଘ, ରାଉରକେଲା ମିନିବସ୍ ଆସୋସିଏଶନ (ସିଟୁ) ପକ୍ଷରୁ ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପସଭାପତି ବିମାନ ମାଇତି, ଉପଦେଷ୍ଟା ରାଜକିଶୋର ପ୍ରଧାନ, ସମ୍ପାଦକ ଅକ୍ଷୟ ମହାନ୍ତ, ବଜରଙ୍ଗୀ ଚୌଧୁରୀ, ଅରୁଣ ମହାରଣା, ପ୍ରାଣବନ୍ଧୁ ଦାସ, ଶ୍ରୀରାମ ସୋନାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।





## ବଲାଙ୍ଗୀର ପୌରସଂସ୍ଥା, ବଲାଙ୍ଗୀର

ଓଡ଼ିଶାର ଅଗ୍ରଣୀ ଖବରକାଗଜ ଧରିତ୍ରୀ ନିରବଚ୍ଛିନ୍ନ ଭାବରେ ଆମ ଅଞ୍ଚଳର ସାଂସ୍କୃତିକ, ସାମାଜିକ, ରାଜନୈତିକ ତଥା ବିଭିନ୍ନ କ୍ଷେତ୍ରର ଚିତ୍ର-ଚରିତ୍ରର ସମ୍ବାଦକୁ ଜନସାଧାରଣଙ୍କ ପାଖକୁ ପହଞ୍ଚାଉଅଛି। ବର୍ତ୍ତମାନ କରୋନା ସଙ୍କଟ କାଳରେ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଜନ ସଚେତନତା ସୃଷ୍ଟି କରିବା ସହ କରୋନା ସମ୍ବନ୍ଧୀୟ ନିତ୍ୟ ନୈମିତ୍ତ ସଠିକ୍ ଖବର ପରିବେଷଣକରୁଛି। ଏ ପରିପ୍ରେକ୍ଷୀରେ ବଲାଙ୍ଗୀର ପୌର ପରିଷଦ ଏହି ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**ଜନସାଧାରଣଙ୍କ ପାଇଁ ବିଭିନ୍ନ ସୁବିଧା**

- ଗରିବ ପରିବାରବର୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ପାଇଁ ଟ୨,୦୦,୦୦୦/- ଅନୁଦାନ ପ୍ରଦାନ।
- ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁଯାୟୀ ବସ୍ତିଗୁଡିକର ପୁନଃ ବିକାଶ, ଥଇଥାନ ଓ ଉତ୍‌ଥାନ ନିମନ୍ତେ ଚିହ୍ନଟ ହୋଇଥିବା ବସ୍ତିବାସିନ୍ଦାମାନଙ୍କୁ ଭୂମି ଅଧିକାର ଅର୍ପଣ ପାଇଁ ବ୍ୟବସ୍ଥା।
- ବାର୍ଦ୍ଧକ୍ୟ ଭତ୍ତା/ ଅବିବାହିତ ଯୁବତୀଙ୍କ ପାଇଁ ଭତ୍ତା / ବିଧବା ଭତ୍ତା / ଦିବ୍ୟାଙ୍ଗ ଭତ୍ତା / ଏଡ୍‌ସ ରୋଗୀଙ୍କ ପାଇଁ ଭତ୍ତା ପ୍ରଦାନର ବ୍ୟବସ୍ଥା।
- ବସ୍ ଯୋଗେ ଯାତାୟାତ କରିବା ପାଇଁ ଦିବ୍ୟାଙ୍ଗମାନଙ୍କ ସକାଶେ ପାସ୍‌ର ବ୍ୟବସ୍ଥା।
- ଗରିବ ଓ ଅସହାୟ ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ଟ୩୦୦୦/- ପ୍ରଦାନର ବ୍ୟବସ୍ଥା।
- ବି.ପି.ଏଲ୍. ଶ୍ରେଣୀଭୁକ୍ତ ପରିବାରଙ୍କ ପାଇଁ ଜାତୀୟ ପରିବାର ମଙ୍ଗଳ ଯୋଜନା।
- ରାସ୍ତାକଡ ବ୍ୟବସାୟୀମାନଙ୍କୁ ପରିଚୟ ପତ୍ର ପ୍ରଦାନ / ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ଏବଂ ଥଇଥାନ ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା।
- ରାସ୍ତାକଡରେ ରାତ୍ରିଯାପନ କରୁଥିବା ଅସହାୟ ବ୍ୟକ୍ତିଙ୍କ ପାଇଁ ଆଶ୍ରୟସ୍ଥଳୀରେ ସୁବ୍ୟବସ୍ଥା।

(ଶ୍ରୀ ବିପିନ ବିହାରୀ ଦୀପ)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗୀର

(ଶ୍ରୀ ଚଞ୍ଚଳ ରାଣା)
ଜିଲ୍ଲାପାଳ, ବଲାଙ୍ଗୀର ତଥା ପ୍ରଶାସକ
ପୌର ପରିଷଦ, ବଲାଙ୍ଗୀର



## କୋଭିଡ୍-୧୯ ପାଇଁ ସତର୍କତା

ଘରେ ରୁହନ୍ତୁ। ଜୀବନ ବଞ୍ଚାନ୍ତୁ। | କରୋନାଭାଇରସ୍‌କୁ ରୋକିବାରେ ସାହାଯ୍ୟ କରନ୍ତୁ

ଠିକ୍ ତଥ୍ୟ ଜାଣି ତଥା ଉପଯୁକ୍ତ ପ୍ରାକ୍-ସତର୍କତା ଅବଲମ୍ବନ କରି ନିଜକୁ ଓ ନିଜ ଆଖପାଖର ଅନ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆପଣଙ୍କ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

**କୋଭିଡ୍-୧୯ ବ୍ୟାପିବାକୁ ପ୍ରତିରୋଧ କରିବା ପାଇଁ:**

- ବାରମ୍ବାର ନିଜ ହାତ ଧୁଅନ୍ତୁ । ସାବୁନ ଓ ପାଣି ଅଥବା ଏକ ଆଲକହଲ୍‌ଭିତ୍ତିକ ହ୍ୟାଣ୍ଡ ରବ୍ ବ୍ୟବହାର କରନ୍ତୁ ।
- କାଶୁଥିବା କିମ୍ବା ଛିଙ୍କୁଥିବା ଲୋକମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ।
- ଶାରୀରିକ ଦୂରତା ବଜାୟ ରଖିବା ସମ୍ଭବ ହୋଇ ନ ଥିଲେ ମାସ୍କ ପିନ୍ଧନ୍ତୁ।
- ନିଜ ଆଖି, ନାକ ଓ ପାଟିକୁ ଛୁଅନ୍ତୁ ନାହିଁ ।
- କାଶିବା କିମ୍ବା ଛିଙ୍କିବା ସମୟରେ ପାଟି ଓ ନାକକୁ କହୁଣିର ଭିତର ପାର୍ଶ୍ୱ କିମ୍ବା ଟିସ୍ୟୁ ପେପରରେ ଘୋଡ଼ାଇ ରଖନ୍ତୁ ।
- ଅସୁସ୍ଥ ଅନୁଭବ କରୁଥିଲେ ଘରେ ରୁହନ୍ତୁ ।
- ଯଦି ଆପଣଙ୍କଠାରେ ଜ୍ୱର, କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଲକ୍ଷଣ ଦେଖାଦିଏ, ତେବେ ଚିକିତ୍ସାଗତ ସହାୟତା ଲୋଡ଼ନ୍ତୁ ।

ଜଣେ ଶୁଭଚିନ୍ତକ


# ରାଉରକେଲାରେ ଗାଁ ଆମ୍ବ ପସରା

**ରାଉରକେଲା ଅଫିସ୍/ବେଦବ୍ୟାସ,୮।୬(ଡି.ଏନ.ଏ):** ରାଉରକେଲା ମହାନଗରବାସୀ ଚାଖିବେ ଗାଁ ଆମ୍ବର ସୁଆଦ। ଏଥିପାଇଁ ସ୍ଥାନୀୟ ଉଦିତନଗର ସ୍ଥିତ ସିଟି ଲାଇଭ୍‌ଲିହୁଡ୍ ସେଣ୍ଟରଠାରେ ଖୋଲିଛି ଗାଁ ଆମ୍ବ ପସରା । ରାଉରକେଲା ମହାନଗର ନିଗମ, ଓର୍‌ମାସ୍ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ଏହା ଖୋଲାଯାଇଛି । ମଙ୍ଗଳବାର ଏହି ଷ୍ଟଲକୁ କମିଶନର ଦିବ୍ୟଜ୍ୟୋତି ପରିଡା ଉଦ୍‌ଘାଟନ କରିଛନ୍ତି। ଏହି ଷ୍ଟଲରେ ଗ୍ରାମାଞ୍ଚଳର ଭଳିକି ଭଳି ଆମ୍ବ ରହିଛି। ବର୍ତ୍ତମାନ ଲେଙ୍ଗଡା ଏବଂ ଦଶେରୀ ଆମ୍ବ ମିଳୁଛି। ୧୮ ତାରିଖ ପର୍ଯ୍ୟନ୍ତ ଏହି ଷ୍ଟଲ ଖୋଲା ରହିବ। ଲକଡାଉନକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏଁ ଷ୍ଟଲ ଖୋଲା ରହିବ । ରାଉରକେଲାବାସୀଙ୍କୁ ସୁଲଭ ମୂଲ୍ୟରେ ସୁଆଦିଆ ଆମ୍ବ ଉପଲବ୍ଧ ହେବ। ରାଉରକେଲା ସହରରେ ରହୁଥିବା ଲୋକଙ୍କୁ ଉଚିତ ଦାମରେ ଭଲ ଆମ୍ବ ଯୋଗାଇ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ବର୍ତ୍ତମାନ ଗୋଟିଏ ଷ୍ଟଲ ଖୋଲାଯାଇଛି । ଚାହିଦା ବଢ଼ିଲେ ଆଗାମୀ ଦିନରେ ଅଧିକ ଷ୍ଟଲ ଖୋଲିବାର ବ୍ୟବସ୍ଥା କରାଯିବ। ମିଶନ ଶକ୍ତିର ମହିଳାମାନେ ଏଥିରେ ଯୋଡି ହୋଇଥିବାରୁ ସେମାନଙ୍କ ସ୍ଥିତି ମଧ୍ୟ ସୁଦୃଢ଼ ହୋଇପାରିବ କହିଛନ୍ତି କମିଶନର ଦିବ୍ୟଜ୍ୟୋତି ପରିଡା । ଷ୍ଟଲରେ ମିଳୁଥିବା ଆମ୍ବ ଲହୁଣୀପଡା ବ୍ଲକ ଖଣ୍ଡାଧାର ଅଞ୍ଚଳରୁ ଆସିଛି। ୱାଡି ପ୍ରକଳ୍ପ ଅଧୀନରେ ଲଗାଯାଇଥିବା ଆମ୍ବ ଗଛରୁ ଏବେ ଅମଳ କରାଯାଉଛି । ବିଶ୍ରା ବ୍ଲକ ଝିରପାଣିର ସୃଷ୍ଟି ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ଏହି ଆମ୍ବ ବିକ୍ରି ହେଉଛି। ଗ୍ରାମାଞ୍ଚଳରେ ଯେଉଁ ଆମ୍ବ ଅମଳ ହେଉଛି ତାହା ଲକଡାଉନ ଯୋଗୁଁ ବଜାରକୁ ଆସିପାରୁନାହିଁ । ତେଣୁ ରାଉରକେଲା ସହରରେ ଏକ ଷ୍ଟଲ କରାଯାଇଛି। ଆଜି ୩୫ କୁଇଣ୍ଟାଲ ଆମ୍ବ ଷ୍ଟଲକୁ ଆସିଥିଲା ବୋଲି କହିଛନ୍ତି ଓଡିଶା ଜୀବିକା ମିଶନର ଡିପିଏମ ସାମୁଏଲ ଟପ୍ପୋ। ଉଦଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୁଧାଂଶୁ ଭୋଇ, ସୀତାଦେବୀ ମାଝୀଙ୍କ ସହିତ ଓର୍‌ମାସ୍, ଓଡିଶା ଜୀବିକା ମିଶନ ଏବଂ ଆର୍‌ଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ ।

**ଉଦିତନଗର ସିଟି ଲାଇଭ୍‌ଲିହୁଡ ସେଣ୍ଟରରେ ଷ୍ଟଲ**



